# ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ
## ଭି.ଆଇ.ପି ରୋଡ଼, ପୁରୀ

## ସୂଚନା

ଏତଦ୍ୱାରା ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଅନ୍ତର୍ଗତ ଅଞ୍ଚଳର ଯେଉଁ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନ ବେଆଇନ୍ ନିର୍ମାଣ କରିଥିବେ କିମ୍ବା ମଞ୍ଜୁର ପ୍ରାପ୍ତ ନକ୍ସାକୁ ଉଲଂଘନ କରି ଗୃହନିର୍ମାଣ କରିଥିବେ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ଗୃହ ଓ ନଗର ନିର୍ମାଣ ବିଭାଗ ଚିଠି ସଂଖ୍ୟା SRO No. 223/2019 ତା ୦୬/୦୮/୨୦୧୯ ରିଖରେ ଏବଂ ଓଡ଼ିଶା ଗେଜେଟ୍ ସଂଖ୍ୟା No.1475 Dated- 06/08/2019 ରେ ପ୍ରକାଶିତ ବେଆଇନ୍ ନିର୍ମାଣର ନିୟମିତି କରଣ କରିବା ନିମନ୍ତେ ସଂଶୋଧିତ ଅଧିସୂଚନା ଜାରି କରିଛନ୍ତି । ଉକ୍ତ ଅଧିସୂଚନାରେ ଜୋରିମାନା (Compounding fee) ବାବଦ ଦେୟ ଅର୍ଥ ପରିମାଣକୁ ପୂର୍ବ ଅଧିସୂଚନାରେ ପ୍ରକାଶିତ ଜୋରିମାନା ଦେୟ ଠାରୁ କମ୍ ରଖିଛନ୍ତି । ଏଣୁ ବେଆଇନ୍ ନିର୍ମାଣକାରୀ କିମ୍ବା ମଞ୍ଜୁରପ୍ରାପ୍ତ ନକ୍ସାକୁ ଉଲଂଘନ କରି ବେଆଇନ୍ ନିର୍ମାଣ କରିଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନମାନେ ରାଜ୍ୟ ସରକାରଙ୍କ ଏହି ଜନକଲ୍ୟାଣକାରୀ ଯୋଜନାର ସୁଯୋଗ, ଧାର୍ଯ୍ୟ ସମୟ ମଧ୍ୟରେ ନେଇପାରିବେ । ଇଚ୍ଛୁକ ବେଆଇନ୍ ନିର୍ମାଣକାରୀ କିମ୍ବା ଅନୁଷ୍ଠାନ ନିର୍ଦ୍ଧାରିତ ଫର୍ମ ସହ ନିର୍ମାଣ କରାଯାଇଥିବା ଗୃହର ଅବିକଳ ନକ୍ସା ସହିତ ଆବଶ୍ୟକୀୟ କାଗଜାତ ଓ ଦେୟ "ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ" ଙ୍କ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ଦାଖଲ କରିପାରିବେ । ଅସଂପୂର୍ଣ୍ଣ ଦରଖାସ୍ତ ଓ ତତ୍ ସଂଲଗ୍ନ କାଗଜାତ ଇତ୍ୟାଦି ଦାଖଲ କରିନଥିଲେ ଦରଖାସ୍ତ ଗୁଡିକୁ ଗ୍ରହଣ କରାଯିବ ନାହିଁ ।

ଏ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ପି.କେ.ଡି.ଏ କାର୍ଯ୍ୟାଳୟ ସହ ଯୋଗଯୋଗ କରିପାରିବେ କିମ୍ବା ପୁରୀ ଜିଲ୍ଲା ୱେବ୍ ପୋର୍ଟାଲ ଓ ପି.କେ.ଡି.ଏ ୱେବସାଇଟ୍ www.pkdapuri.in ମାଧ୍ୟମରେ ଜାଣିପାରିବେ ।

ଯୋଜନା ସଦସ୍ୟ
ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ,
ପୁରୀ

ଉପାଧ୍ୟକ୍ଷ
ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ,
ପୁରୀ